# ତହସିଲ କାର୍ଯ୍ୟାଳୟ, ବାଲିଗୁଡା।

## ଲଘୁ ଖଣିଜ ଖଦାନ ଲିଜ ଇସ୍ତାହାର

ବିଜ୍ଞାପନ ସଂଖ୍ୟା ୩୦୧୮ ତା. ୦୮/୧୧/୨୦୨୧

ଏତ ଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ବାଲିଗୁଡା ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଦୁଇ ଗୋଟି ଲଘୁ ଖଣିଜ ଖାଦାନ ଆସନ୍ତା ୫( ପାଞ୍ଚ) ବର୍ଷ ନିମନ୍ତେ ୨୦୨୧-୨୦୨୨ ଆର୍ଥିକ ବର୍ଷ ଠାରୁ ୨୦୨୫-୨୦୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ) ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ଵାନ କରାଯାଉଛି। ଇଚ୍ଛୁକ ବ୍ୟକ୍ତି ବିଶେଷ the odisha mines minerals concession rules , 2016 ର ନିର୍ଧାରିତ form -A ପୂରଣ କରି ଏହାର ତିନି କପି ସହ ଆବଶ୍ୟାକୀୟ ସମସ୍ତ କାଗଜପତ୍ର ସଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା ରେ ଆବେଦନ କରିବେ, ଯାହା କି ନିମ୍ନ ସ୍ଵାକ୍ଷରକାରୀ ଙ୍କ କାର୍ଯ୍ୟାଳୟ ଠାରେ ଥିବା DROP BOX ରେ ତା ୦୮-୧୨-୨୦୨୧ ରିଖ ଅପରାହ୍ନ ୩ (ତିନି) ଟା ସୁଧା ପକାଇବେ ଏବଂ ଉକ୍ତ ଦିନ ୩.୩୦ ଟା ସମୟରେ ନିମ୍ନ ଦରଖାସ୍ତକାରି କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ। ଯେଉଁ ସଇରାତ ଉସ୍ର ପ୍ରଥମ ତାରିଖରେ ଲିଜ ପାଇଁ ଚୁଡାନ୍ତ ହୋଇ ନ ପାରିବ ସେହି ଉସ୍ର ପାଇଁ ଦ୍ଵିତୀୟ ତାରିଖ ତା-୧୫-୧୨-୨୦୨୧ ଏବଂ ତୃତୀୟ ତାରିଖ ୨୩-୧୨-୨୦୨୧ ଅପରାହ୍ନ ୩ ଟା ସୁଧା ଦରଖାସ୍ତ ଗ୍ରହଣ କରାଯିବ। ଉକ୍ତ ତାରିଖ ମାନଙ୍କର ଅପରାହ୍ନ ୩.୩୦ ଟା ଲିଜ ଦରଖାସ୍ତ କାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତି ରେ ଦରଖାସ୍ତ ଗୁଡିକ ତନଖି କରାଯିବ। ସର୍ବୋଚ ଲିଜ ଦରଖାସ୍ତକାରୀ ଙ୍କୁ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀ ଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉସ୍ର ରୁ ଲଘୁ ଖଣିଜ ଦ୍ରବ୍ୟ ଉଠାଇପାରିବେ ନାହିଁ। ସଇରାତ ଉସ୍ର ର ସମ୍ପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ସମ୍ବନ୍ଧୀୟ ସମସ୍ତ ତଥ୍ୟ କନ୍ଧମାଳ ଜିଲ୍ଲା website ତଥା www.kandhamal.nic.in ରେ ଉପଲବ୍ଧ ହୋଇପାରିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ।

### ଦାଖଲ କରିବାକୁ ଥିବା ଦଲିଲ/କାଗଜ ପତ୍ର

୧। ଦରଖାସ୍ତ ଫି ସକାଶେ ଟ ୧୦୦୦ /-(ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ।
୨। ଧାର୍ଯ୍ୟ ରୟାଲିଟି ର ୫% EMD ଡିମାଣ୍ଡ ଡ୍ରାଫ୍ଟ ଆକାର ରେ ଦାଖଲ କରିବାକୁ ପଡିବ ।
୩। କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ଏକ ସତ୍ୟପାଠ ।
୪। ଆବେଦଙ୍କରୀ ଙ୍କ ର ବ୍ୟାଙ୍କ ଗ୍ୟାରେଣ୍ଟି ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତି ର ବିବରଣୀ।
୫। ଅନ୍ୟାନ୍ୟ ବିବରଣୀ ଯଥା , ବୈଷୟିକ ଜ୍ଞାନ , ଦକ୍ଷତା, ଆର୍ଥିକ ସ୍ଥିତି ଯନ୍ତ୍ରପାତି ଇତ୍ୟାଦି ।
୬। Vat Clearacne certificate ନକଲ।

### ଲିଜ ପାଇଁ ଉଦିଷ୍ଟ ଲଘୁ ଖଣିଜ ଖଦାନ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ସାୟରତ ର ଉସ୍ର ର ନାମ | ଲଘୁ ଖଣିଜ ର ନାମ | ସାୟରତ ଉସ୍ର ର ଅବସ୍ଥିତି ର ସବିଶେଷ ବିବରଣୀ | | | | | ସର୍ବନିମ୍ନ ରୟାଲିଟି |
|---|---|---|---|---|---|---|---|---|
| | | | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା(ହେକ୍ଟର) | |
| ୧ | ମାଦିନାଟା ପଥର ଖଦାନ (ରୋଡ ମେଟାଲ) | ପଥର (ରୋଡ ମେଟାଲ) | ମାଦିନାଟା | ୭୬ | ୨୩୬ | ପଥରବଣୀ | ୨-୧୦୦ | ଟ. ୧୩୦/- ରୟାଲିଟି + ୭.୦୦ (୫% ଅତିରିକ୍ତ ଦେୟ ମୋଟ ୧୩୭/- |
| ୨ | କୁଟିକିଆ ପଥର ଖଦାନ(ରୋଡ ମେଟାଲ) | ପଥର( ରୋଡ ମେଟାଲ) | କୁଟିକିଆ | ୨୩୦ | ୧୫୯୭ | ପଥରବଣି | ୨-୪୫୨ | ଟ. ୧୩୦/- ରୟାଲିଟି + ୭.୦୦ (୫% ଅତିରିକ୍ତ ଦେୟ ମୋଟ ୧୩୭/- |

ତହସିଲଦାର,ବାଲିଗୁଡା

ତହସିଲଦାର
ବାଲିଗୁଡ଼ା

ଜ୍ଞାପକ ସଂଖ୍ୟା......୩୦୨୦...... ତା......୦୮/୧୧/୨୦୨୧......

ଏହାର ଏକକିତା ନକଲ ଜିଲ୍ଲାପାଳ,କନ୍ଧମାଳ/ଉପ ଜିଲ୍ଲାପାଳ, ବାଲିଗୁଡା/ ଗୋଷ୍ଠୀ ଉନୟନ ଅଧିକାରୀ, ବାଲିଗୁଡା /ପଞ୍ଚାଯତ ସମିତି /ସରପଞ୍ଚ , ବାଲିଗୁଡା ପଞ୍ଚାଯତ ସମିତି ଅନ୍ତର୍ଗତ ସମସ୍ତ ଗ୍ରାମପାଞ୍ଚାୟତ/ IIC,ବାଲିଗୁଡା ଥାନା /ସମସ୍ତ ରାଜସ୍ୱ ନିରିକ୍ଷକ ଙ୍କ ଅବଗତି ଏବଂ ତାଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଲଗାଇବା ପାଇଁ ଅନୁରୋଧ କରାଗଲା।

ଏହାର ଏକକିତ ନକଲ ବାଲିଗୁଡା ତହସିଲ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଲଗାଇବା ପାଇଁ ପ୍ରେରଣା କରାଗଲା।

8/11/2021
ତହସିଲଦାର, ବାଲିଗୁଡା
ତହସିଲଦାର
ବାଲିଗୁଡା

ଜ୍ଞାପକ ସଂଖ୍ୟା......୩୦୨୧...... ତା......୦୮/୧୧/୨୦୨୧......

ଏହାର ଏକକିତା ନକଲ ଜିଲା ସୂଚନା ଅଧିକାରୀ ,NIC, କନ୍ଧମାଳ ଫୁଲବାଣୀଙ୍କ ନିକଟକୁ କନ୍ଧମାଳ ଜିଲ୍ଲା ୱେବସାଇଟ (Kandhamal District Website) ରେ ସରବସାଧାରଣ ଙ୍କ ଅବଗତି ନିମନ୍ତେ Upload କରିବା ନିମନ୍ତେ ପ୍ରେରଣ କରାଗଲା ।

8/11/2021
ତହସିଲଦାର, ବାଲିଗୁଡା
ତହସିଲଦାର
ବାଲିଗୁଡା

## ସର୍ତ୍ତାବଳୀ

1। ଆବେଦନକାରୀ'' The Odisha Minor Mineral Concession Rules, 2016'' ର ପରିସରଭୁକ୍ତ ରହିବେ।

2। ଲିଜରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନର ସୁବିଧା , ଗଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯବେକ୍ଷଣ କରି ଲିଜରେ ଅଂଶଗ୍ରହଣ କରିବେ ।

3। ଲିଜ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4। ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

5। ସର୍ବୋଚ ଲିଜଧାରୀ ମାଇନିଙ୍ଗ ପ୍ଲାନ ର ଅନୁମୋଦିତ ଓ ପରିବେଶ ମଞ୍ଜୁରୀ ଖର୍ଚ୍ଛ ବହନ କରିବେ।

6। ମାଇନିଙ୍ଗ ପ୍ଲାନ ରେ ଦର୍ଶାଯାଇଥିବା ଗଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ରୟାଲିଟିର ଦର କୁ ଗୁଣନ କଲେ ଯେଉଁ ପରିମାଣର ଅର୍ଥ ହେବ, ଉକ୍ତ ରାଶିକୁ ପଇଠ କରିବେ, ସଂପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ Registration Act, 1908 ଓ Stamp Act, 1999 ଅନୁଯାୟୀ ଚୁକ୍ତି ପତ୍ର (Execution of Lease Dead) ସମ୍ପାଦନ କରିବେ ।

7। ଧାର୍ଯ୍ୟ ରୟାଲିଟି ର 5% EMD ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡିବ।

8। ଲିଜଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସେମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display ବୋର୍ଡ ଲଗେଇବେ , ଯେଉଁଥିରେ ସଇରାତ ଉତ୍ସ ର ସବିଶେଷ ବିବରଣୀ , ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରିବେ।

9। ଲିଜ ସମ୍ବନ୍ଧିୟ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଏହି ଇସ୍ତାହାରର ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.kandhamal.nic.in ରେ ମଧ ଦେଖି ପାରିବେ ।

10। ଜମା ରୟାଲିଟି ର 2% ଲିଜଧାରୀ TCS (ଆୟକର) ବାବଦକୁ ଚାଲାଣ ଆକାରରେ ଜମା କରିବେ ।

11। ସରକାରୀ ଧାର୍ଯ୍ୟ ରୟାଲିଟି ଦର ଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀ କିମ୍ବା ଆବଶ୍ୟକୀୟ ଦଲିଲ ସଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କର ଦରଖାସ୍ତ ଖାରଜ କରିଦିଆଯିବ ।

12। ଯଦି ଏହି ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟାଦେଶ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର, ବାଲିଗୁଡା
/11/2021

ବାଲିଗୁଡ଼ା